# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 January - 2025**

# ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ସିଙ୍ଗାପୁର ରାଷ୍ଟ୍ରପତି ଥରମନ ସାନମୁଗ ରତ୍ନମ ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିବେ । ଏହି ଅବସରରେ ସିଙ୍ଗାପୁର ରାଷ୍ଟ୍ରପତି ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ କରିବାର କାର୍ଯ୍ୟସୂଚୀ ରହିଛି । ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଆସନ୍ତାକାଲି ସିଙ୍ଗାପୁର ରାଷ୍ଟ୍ରପତି ପୁରୀ ଜିଲ୍ଲାର ରଘୁରାଜପୁରୁ ଐତିହ୍ୟ ଗ୍ରାମ ଓ କୋଣାର୍କ ମନ୍ଦିର ପରିଦର୍ଶନ କରିବେ । ସେହିଦିନ ସେ ଭୁବନେଶ୍ୱରସ୍ଥିତ ଅନ୍ଧାରୁଆରେ ଥିବା ଭାରତ ବାୟୋଟେକ୍‌ର ଟିକା ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ୍ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି । ଏ ସଂପର୍କରେ ପୋଲିସ୍ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି :

**<u>V/O</u>**

# ତୀର୍ଥଯାତ୍ରା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନାରେ ଭୁବନେଶ୍ୱର ରେଳଷ୍ଟେସନଠାରୁ ଶିରିଡ଼ି ନାସିକ ଅଭିମୁଖେ ବରିଷ୍ଠ ନାଗରିକମାନଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା ଆରମ୍ଭ କରିବ । ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦୧ ଜଣ ଓ କଟକ ଜିଲ୍ଲାର ୧୮୭ ଜଣ ବରିଷ୍ଠ ନାଗରିକଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ୮୦୦ରୁ ଅଧିକ ବରିଷ୍ଠ ନାଗରିକ ଶିରିଡ଼ି ନାସିକ ଯାତ୍ରା କରିବେ ।

## ରାଜସ୍ୱମନ୍ତ୍ରୀ-ସମୀକ୍ଷା ବୈଠକ

ବସୁନ୍ଧରା ଯୋଜନାରେ ଭୂମିହୀନମାନଙ୍କୁ ଏବଂ ସ୍କୁଲ୍ କଲେଜ ଗୁଡ଼ିକୁ ସ୍ଥାୟୀ ପଟ୍ଟା ଦେବା ପାଇଁ ଅଧିକାରୀମାନଙ୍କୁ ଯତ୍ନବାନ ହେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ବିଭାଗରେ ସଂସ୍କାର ଓ ସ୍ୱଚ୍ଛତା ଆଣିବା ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଯେଉଁ ସଂସ୍ଥାଗୁଡ଼ିକ ସରକାରଙ୍କଠାରୁ ଜମି ନେଇ ବ୍ୟବହାର କରୁ ନାହାନ୍ତି, ସେ ସବୁକୁ ଚିହ୍ନଟ କରି ସରକାରଙ୍କ ଖାତାକୁ ଆଣିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

## ଶ୍ରୀମନ୍ଦିର -ସମୀକ୍ଷା ବୈଠକ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ୫ ସୂତ୍ରୀ କାର୍ଯ୍ୟାବଳୀ ଅନୁପାଳନ ନିମନ୍ତେ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଛନ୍ତି । ଗତକାଲି ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ଦିର ପ୍ରଶାସନର କାର୍ଯ୍ୟ ସମୀକ୍ଷା ଅବସରରେ

କୌଣସି ଅଧିକାରୀ ଓ କର୍ମଚାରୀ ପାନ, ଗୁଟ୍‌ଖା କିମ୍ବା କୌଣସି ମାଦକ ଦ୍ରବ୍ୟ ସେବନ କରିବେ ନାହିଁ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ପ୍ରତ୍ୟେକ ମାସରେ ତୃତୀୟ ଶୁକ୍ରବାର ମନ୍ଦିର ପ୍ରଶାସନର କାର୍ଯ୍ୟ ସମୀକ୍ଷା କରାଯିବ । ଚଳିତମାସ ୩୧ ତରିଖ ସୁଦ୍ଧା ସମସ୍ତ କର୍ମଚାରୀଙ୍କୁ ସମ୍ପତ୍ତି ତାଲିକା ଦାଖଲ କରିବା ଲାଗି କୁହାଯାଇଛି ।

# ବରିଷ୍ଠ ଆଇନଜୀବୀ ମାନ୍ୟତା

ଓଡ଼ିଶା ହାଇକୋର୍ଟ ପକ୍ଷରୁ ୧୩ ଜଣ ଆଇନଜୀବୀଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା ପ୍ରଦାନ କରାଯାଇଛି । ହାଇକୋର୍ଟ ମୁଖ୍ୟ ବିଚାରପତି ଏହି ମାନ୍ୟତା ପ୍ରଦାନ କରିଛନ୍ତି । ବିଜ୍ଞପ୍ତି ଅନୁଯାୟୀ ଆଇନଜୀବୀ ସଂଜୟ କୁମାର ଆଚାର୍ଯ୍ୟ, ଅନୁପ କୁମାର ବୋଷ, ବଂଶୀଧର ବାଗ, ବିବେକାନନ୍ଦ ଭୂୟାଁ ପ୍ରମୁଖ ଆଇନଜୀବୀଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା ପ୍ରଦାନ କରାଯାଇଛି ।

# ରେଳବାଇ ପଣ୍ୟ କାରବାର

ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷର ୨୯୦ ଦିନ ମଧ୍ୟରେ ୨୦୦ ଦଶମିକ ୧/୩ ନିୟୁତ ଟନ୍ ପଣ୍ୟ ପରିବହନ କରି ନୂତନ ମାଇଲ୍ ଖୁଣ୍ଟ ସ୍ଥାପନ କରିଛି । ପୂର୍ବ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ହୋଇଥିଲା। ସେହିପରି ରାଜସ୍ୱ ଉତ୍ପାଦନରେ ବୃଦ୍ଧି ଘଟି ୨୦ ହଜାର ୨୮୮କୋଟିରୁ ଅଧିକ ଟଙ୍କା ଆଦାୟ ହୋଇଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧ ଦଶମିକ ୨/୮ ପ୍ରତିଶତ ଅଧିକ ବୋଲି ସୂଚନା ମିଳିଛି।

# ପକ୍ଷୀ ଗଣନା

ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ ଆସନ୍ତାକାଲି ବିଦେଶାଗତ ପକ୍ଷୀ ଏବଂ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ । ଆଜି ଏଥିଲାଗି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ । ପକ୍ଷୀ ଗଣନା ନିମନ୍ତେ ୨୧ଟି ଦଳ ଗଠନ କରାଯାଇଛି । ପ୍ରତ୍ୟେକ ଦଳରେ ୩ରୁ ୫ ଜଣ ଲେଖାଏଁ ପକ୍ଷୀ ବିଶେଷଜ୍ଞ ରହିଛନ୍ତି । ୧୩୦ ଜଣ ଏହି ଗଣନାରେ ଭାଗ ନେବେ । ଗତବର୍ଷ ଚିଲିକାକୁ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ ହଜାର ୭ଶହ ଅଣଷଠୀଟି ପକ୍ଷୀ ଆସିଥିଲେ ।

ଅନ୍ୟପକ୍ଷରେ ଆସନ୍ତା ୨୦ ତାରିଖରେ ଇରାୱାଡ଼ି ଡଲ୍‌ଫିନ୍ ଗଣନା କରାଯିବ । ୧୪୫ ଜଣ ବିଭାଗୀୟ କର୍ମଚାରୀ, ସ୍ୱେଚ୍ଛାସେବୀ ୧୮ଟି ଦଳରେ ବିଭକ୍ତ ହୋଇ ଡଲଫିନ୍ ଗଣନା କରିବେ ବୋଲି ଜଣାପଡ଼ିଛି ।

# ଘୁମୁରା

କଳାହାଣ୍ଡି ଉତ୍ସବ 'ଘୁମୁରା'ର ଗତକାଲି ତୃତୀୟ ସନ୍ଧ୍ୟାରେ ୮ଜଣଙ୍କୁ **ଜ୍ଞାନଶ୍ରୀ** ପୁରସ୍କାର ପ୍ରଦାନ କରାଯାଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ଓ ସିଆର୍‌ପିଏଫ୍ ୬୪ ବାଟାଲିୟନ୍‌ର କମାଣ୍ଡାଣ୍ଟ୍ ପ୍ରମୁଖ ଯୋଗଦେଇ କଳାହାଣ୍ଡିର ଲୋକକଳା ବିଶ୍ୱବିଦିତ ବୋଲି କହିଥିଲେ । ଏଥିରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ।

# ହକି

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ କଳିଙ୍ଗ ଲାନ୍‌ସର୍ସ ୫-୧ ଗୋଲ୍‌ରେ ଦିଲ୍ଲୀ ପାଇପର୍ସଙ୍କୁ ପରାସ୍ତ କରିଛି । ଆସନ୍ତାକାଲି ହାଇଦ୍ରାବାଦ ତୁଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ଏବଂ ଗୋନାସିକା ଓ ୟୁପି ରୁଦ୍ରାସ ମଧ୍ୟରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ମୁକାବିଲା ହେବ ।

ଅନ୍ୟପକ୍ଷରେ ମହିଳା ବର୍ଗରେ ରାଞ୍ଚିସ୍ଥିତ ଜୟପାଲ ସିଂ ହକି ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୱାରିଅର୍ସ ୩-୨ ଗୋଲ୍‌ରେ ଶ୍ରାଚି ରାଢ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି ।

ଆଜି ରାତି ୮ଟା ୧୫ ମିନିଟ୍‌ରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଏବଂ ସୁର୍‌ମା ହକି କ୍ଲବ୍ ମଧ୍ୟରେ ମୁକାବିଲା ହେବ ।